# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 4th September – 2025

********************************

## ମୁଖ୍ୟ ସମ୍ବାଦ

- ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଦେଶର ଆର୍ଥିକ ପ୍ରଗତି ଗୁରୁତ୍ୱପୂର୍ଣ୍ଣ; କହିଲେ ମୁଖ୍ୟମନ୍ତ୍ରୀ
- ସେମିକଣ୍ଡକ୍ଟର ଶିଳ୍ପ ପ୍ରତିଷ୍ଠା ପାଇଁ ଦୁଇଟି କମ୍ପାନୀ ସହିତ ୨ ହଜାର ୬୫୫ କୋଟି ଟଙ୍କା ମୂଲ୍ୟର ବୁଝାମଣାପତ୍ର ସ୍ୱାକ୍ଷର କଲେ ରାଜ୍ୟ ସରକାର
- ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ଭୂସମ୍ପତ୍ତି ଫେରାଇ ଆଣିବା ପାଇଁ ସରକାର ସ୍ତରରେ ପଦକ୍ଷେପ ଆରମ୍ଭ

ଏବଂ

- ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହଦେବଙ୍କ ପବିତ୍ର ସୁନିଆଁ ପର୍ବ ପାଳନ ଅବସରରେ ୧୪୩୩ ସାଲ ଏବଂ ଅଣସ୍ତରୀ ଅଙ୍କ ଆରମ୍ଭ

BBSR/R

## ମୁଖ୍ୟମନ୍ତ୍ରୀ– ଜିଏସ୍‌ଟି

୨୦୪୭ ବିକଶିତ ଭାରତ ସ୍ୱପ୍ନ ସାକାର କରିବାରେ ଦେଶର ଆର୍ଥିକ ପ୍ରଗତି ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପରବର୍ତ୍ତୀ ପିଢ଼ି ଜି.ଏସ୍.ଟି. ସଂସ୍କାର ଉପରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି, ଟିକସ ବୋଝ ହ୍ରାସ, ସମାଜର ବିଭିନ୍ନ ବର୍ଗଙ୍କୁ ଉପକୃତ କରିବା ସହ ବାଣିଜ୍ୟ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବ। ସ୍ୱାସ୍ଥ୍ୟ ଓ ଜୀବନବୀମା ସେବା ଦେୟକୁ କରମୁକ୍ତ କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କେନ୍ଦୁପତ୍ର ଉପରୁ ଜିଏସ୍‌ଟି ୧୮ ପ୍ରତିଶତରୁ ୫ ପ୍ରତିଶତକୁ ହ୍ରାସ କେନ୍ଦୁପତ୍ର ତୋଳାଳିଙ୍କ ଆୟବୃଦ୍ଧିରେ ସହାୟକ ହେବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଜୀବନରକ୍ଷାକାରୀ ଔଷଧ ଉପରେ କର ହ୍ରାସ ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସିମେଣ୍ଟ ଉପରୁ ଜିଏସ୍‌ଟି ହ୍ରାସ ନିର୍ମାଣ କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବ। ଷ୍ଟାର୍ଟଅପ୍ ବ୍ୟବସାୟୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଅଧିକ ସରଳ ଏବଂ ସହଜ କରିବା ପାଇଁ ଜିଏସ୍‌ଟି ପରିଷଦ ବୈଠକରେ ଗ୍ରହଣ କରାଯାଇଥିବା ନିଷ୍ପତ୍ତି ଅତ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

**- V/O -**

ଛୋଟ କାର, ଦୁଇଚକିଆ ଓ ତିନିଚକିଆ ଗାଡ଼ି ଉପରୁ ଟିକସ ୨୮ ପ୍ରତିଶତରୁ ୧୮ ପ୍ରତିଶତରୁ ହ୍ରାସ ପାଇବା ନିମ୍ନମଧ୍ୟବିତ୍ତ ବର୍ଗଙ୍କୁ ସୁଫଳ ପ୍ରଦାନ କରିବ। ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତା ୨୨ ତାରିଖ ନବରାତ୍ରର ପ୍ରଥମ ଦିନରୁ ପରିବର୍ତ୍ତିତ ଟିକସ ହାର ଲାଗୁ କରାଯିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।

ଜିଏସ୍‌ଟି ସଂସ୍କାର ଉପରେ ପ୍ରତିକ୍ରିୟା ଦେଇ ସମ୍ବଲପୁରରର ଅର୍ଥନୀତି ବିଶେଷଜ୍ଞ ପ୍ରଦୀପ ଲାଠ ଆକାଶବାଣୀକୁ କହିଛନ୍ତି...

**- V/O –**

Desk

## ସେମିକଣ୍ଡକ୍ଟର

ରାଜ୍ୟରେ ସେମିକଣ୍ଡକ୍ଟର କ୍ଷେତ୍ର ତଥା ଅତ୍ୟାଧୁନିକ ଜ୍ଞାନକୌଶଳ ସମ୍ପର୍କିତ ନିବେଶ ଲକ୍ଷ୍ୟ ନେଇ ରାଜ୍ୟ ସରକାର ଦୁଇଟି ପ୍ରମୁଖ ଆଇ.ଟି. ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ନୂଆଦିଲ୍ଲୀଠାରେ ସେମିକନ୍‌ଇଣ୍ଡିଆ ସମ୍ମିଳନୀ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ୨ ହଜାର ୬୫୫ କୋଟି ଟଙ୍କା ମୂଲ୍ୟର ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ହାଇଟେକ୍ ପିସିବି ପ୍ରାଇଭେଟ୍ ଲିମିଟେଡ୍ ସହ ୧ ହଜାର ୫ କୋଟି ଟଙ୍କା ଏବଂ ସାନକୋଡ ଟେକ୍ନୋଲୋଜି ସହିତ ୧ ହଜାର ୬୫୦ କୋଟି ଟଙ୍କାର ବୁଝାମଣାପତ୍ର ଏଥିରେ ଅନ୍ତର୍ଭୁକ୍ତ। ରାଜ୍ୟରେ ନିବେଶ ଅନୁକୂଳ ଆଇ.ଟି. ନୀତି,

ସେମିକଣ୍ଡକ୍ଟର ନୀତି ଏବଂ ଭିତ୍ତିଭୂମି ସମ୍ପର୍କରେ ପ୍ରମୁଖ ଆଇ.ଟି. କମ୍ପାନୀ ସହିତ ଆଲୋଚନା ହୋଇଛି।  ଆଇ.ଟି. ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ଏବଂ ବିଭାଗୀୟ ପ୍ରମୁଖ ସଚିବ ବିଶାଳ ଦେବ ପ୍ରମୁଖ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ଆଲୋଚନରେ ଅଂଶଗ୍ରହଣ କରିଥିଲେ। ଏସ୍.ପି. ଇଣ୍ଡିଆ ଏବଂ ଏରିଆ ଗ୍ରୁପ୍ ସହିତ ରାଜ୍ୟ ଆଇ.ଟି. ବିଭାଗ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ସିଙ୍ଗାପୁର, ମାଲେସିଆ, ଆମେରିକା, ନେଦରଲାଣ୍ଡ ଭଳି ଦେଶର ପ୍ରତିନିଧିଙ୍କ ସହ ଓଡ଼ିଶାରେ ପୁଞ୍ଜିନିବେଶ ନେଇ ମତବିନିମୟ ହୋଇଥିବା ଜଣାପଡ଼ିଛି।

Desk

## ମହାପ୍ରଭୁଙ୍କ ଭୂସମ୍ପତ୍ତି

ରାଜ୍ୟ ଏବଂ ରାଜ୍ୟ ବାହାରେ ଥିବା ମହାପ୍ରଭୁଙ୍କ ଭୂସମ୍ପତ୍ତି ଫେରାଇ ଆଣିବାକୁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ରାଜ୍ୟ ଏବଂ ରାଜ୍ୟ ବାହାରେ ମହାପ୍ରଭୁଙ୍କ ୫୮ ହଜାର ଏକର ଜମି ରହିଛି। ସେଥିମଧ୍ୟରୁ ୩୬ ହଜାରରୁ ଉର୍ଦ୍ଧ୍ୱ ଏକର ଜମିର  କାଗଜ ପ୍ରସ୍ତୁତ କରାଯାଇସାରିଛି। ବାକି ଜମିର କାଗଜ ପ୍ରସ୍ତୁତ କରିବା ପ୍ରକ୍ରିୟା ଜାରି ରହିଛି। ମହାପ୍ରଭୁଙ୍କର ଭୂସମ୍ପତ୍ତି ସଠିକ୍ ଆକଳନ ପାଇଁ ତ୍ୱରିତ ଗତିରେ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହଛନ୍ତି।

**- V/O –**

Puri

## ସୁନିଆଁ ପର୍ବ ପାଳିତ

ଗଜପତି ମହାରାଜ ଶ୍ରୀ ଦିବ୍ୟସିଂହଦେବଙ୍କ ପବିତ୍ର ସୁନିଆଁ ପର୍ବ ଆଜି ପାଳିତ ହୋଇଛି। ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ତିଥିରେ ଏହି ପାର୍ବ ପାଳନ ଅବସରରେ ଗଜପତିଙ୍କ ନୂତନ ଅଙ୍କ ପ୍ରଚଳନର ପରମ୍ପରା ରହିଛି। ଶ୍ରୀ ଦିବ୍ୟସିଂହଦେଓଙ୍କ ୧୪୩୩ ସାଲ ଏବଂ ୬୯ ଅଙ୍କ ଆରମ୍ଭ ହୋଇଛି। ପୁରୀ ଶ୍ରୀନଅର ପ୍ରାଙ୍ଗଣରେ ଏହି ଉପଲକ୍ଷେ କନକଦୁର୍ଗାଙ୍କ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା କରାଯାଇଛି। ଗଜପତି ମହାରାଜା କନକଦୁର୍ଗା, ଶ୍ୟାମାକାଳୀ, ରାଧାକୃଷ୍ଣ ଓ ନୃସିଂହ ଆଦି ଦେବାଦେବୀଙ୍କୁ ପୂଜା କରିଛନ୍ତି। ଶ୍ରୀ ଦିବ୍ୟସିଂହଦେବଙ୍କ ଉପସ୍ଥିତିରେ ଶ୍ରୀ ନଅରରେ ଅଙ୍କକଟା ନୀତି ସମ୍ପାଦିତ ହୋଇଛି। ଶ୍ରୀ ନଅର ପକ୍ଷରୁ ନୂତନ ଅଙ୍କ ପାଇଁ ସ୍ୱତନ୍ତ୍ର ସ୍ୱର୍ଣ୍ଣମୁଦ୍ରା ପ୍ରଚଳନ କରାଯାଇଛି। ଷୋଳ ଶାସନର ବ୍ରାହ୍ମଣ ଶ୍ରୀନଅରକୁ ଆସି ଗଜପତି ମହାରାଜାଙ୍କୁ ଆଶୀର୍ବାଦ ପ୍ରଦାନ କରିଛନ୍ତି।

Sambalpur

## ମା’ ସମଲେଶ୍ୱରୀ ନୀତିକାନ୍ତି

ଚନ୍ଦ୍ରଗ୍ରହଣ ପରିପ୍ରେକ୍ଷୀରେ ଆସନ୍ତା ରବିବାର ଦିନ ମା’ ସମଲେଶ୍ୱରୀଙ୍କ ନୀତିକାନ୍ତିରେ କେତେକ ପରିବର୍ତ୍ତନ କରାଯାଇଛି। ସକାଳର ମଙ୍ଗଳ ଆଳତି ଓ ଅନ୍ୟାନ୍ୟ ନୀତିକାନ୍ତି ପରେ ଦର୍ଶନ ପୂର୍ବାହ୍ନ ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ ଜାରି ରହିବ। ଏହାପରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବା ସହିତ ମଧ୍ୟାହ୍ନ ୧୨ଟାରେ ଅନ୍ନଭୋଗ ଲାଗି ହେବ।

ମା’ଙ୍କର ସୋମବାର ସକାଳ ୬ଟା ପର୍ଯ୍ୟନ୍ତ ଦର୍ଶନ ବନ୍ଦ ରହିବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ଗ୍ରହଣ କରାଯାଇଛି ।

Sambalpur

## ମୁଖ୍ୟମନ୍ତ୍ରୀ– ସମ୍ବଲପୁର ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତା ଶନିବାର ଦିନିକିଆ ସମ୍ବଲପୁର ଗସ୍ତରେ ଯିବେ । ସମଲେଶ୍ୱରୀ ମନ୍ଦିର ନିକଟରେ ହେବାକୁ ଥିବା ରାଜ୍ୟସ୍ତରୀୟ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।  ବିଧାୟକ ଜୟନାରାୟ ମିଶ୍ର  ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ନୂଆଁଖାଇ ଭେଟ୍‌ଘାଟରେ ଯୋଗଦେବା ପାଇଁ ରାଜ୍ୟ ମନ୍ତ୍ରିମଣ୍ଡଳର ସମସ୍ତ ସଦସ୍ୟଙ୍କୁ ନିମନ୍ତ୍ରଣ କରାଯାଇଛି । ଦଳମତ ନିର୍ବିଶେଷରେ ପଶ୍ଚିମ ଓଡ଼ିଶାର ସମସ୍ତ ବିଧାୟକଙ୍କୁ ଏଥିରେ ଯୋଗଦେବା ଲାଗି ନିମନ୍ତ୍ରଣ କରାଯାଇଛି ବୋଲି ଶ୍ରୀ ମିଶ୍ର କହିଛନ୍ତି ।

Desk

# ଜୀବନ ଜିନ୍ଦାବାଦ କାର୍ଯ୍ୟକ୍ରମ

ରାଜ୍ୟରେ ଲଗାତାର ବିଭିନ୍ନ ବୟସ ବର୍ଗର ଲୋକେ, ଯୁବବର୍ଗ, କଲେଜ ଓ ସ୍କୁଲ ଛାତ୍ରଛାତ୍ରୀମାନେ ମାନସିକ ଅବସାଦର ଶିକାର ହୋଇ ଅନେକ ସମୟରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ଗ୍ରହଣ କରିଥାନ୍ତି ।

ଏହାର ନିରାକରଣ ପାଇଁ ଜନସଚେତନତା ବୃଦ୍ଧିକୁ ପ୍ରାଥମିକତା ପ୍ରଦାନ କରାଯାଉଛି ।

ଏ ସମ୍ପର୍କରେ ଏକ ରିପୋର୍ଟ...

ଆତ୍ମହତ୍ୟା ଭଳି ଘଟଣାକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ସମୟରେ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପମାନ ଗ୍ରହଣ କରାଯାଇଥାଏ । ବିଶେଷ କରି, ଯୁବପୀଢ଼ିଙ୍କ ମଧ୍ୟରେ ଆତ୍ମହତ୍ୟା ରୋକିବା ପାଇଁ ପ୍ରତ୍ୟେକ ଜିଲ୍ଲାରେ ଆସନ୍ତା ୧୦ ତାରିଖରୁ ଜୀବନ ଜିନ୍ଦାବାଦ କାର୍ଯ୍ୟକ୍ରମ ଆରମ୍ଭ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଏହି ଅଭିଯାନ ଆସନ୍ତା ବୁଧବାରଠାରୁ ରାଜ୍ୟର ୩୦ଟି ଜିଲ୍ଲାରେ ଜାରି ରହିବ। କାର୍ଯ୍ୟକ୍ରମରେ କଳାକାର, କଣ୍ଠଶିଳ୍ପୀ, ଅଭିନେତା ଆଦି ଯୋଗଦେଇ ସବୁବର୍ଗର ଲୋକଙ୍କୁ ଜୀବନର ମହତ୍ତ୍ୱ ଏବଂ ଗୁରୁତ୍ୱ ସମ୍ପର୍କରେ ସଚେତନ କରାଇବେ। ମହିଳା ଓ ଶିଶୁ ବିକାଶ ଏବଂ ଗୃହ ଓ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହା ଆୟୋଜିତ ହେବ। ଜୀବନ ଜିନ୍ଦାବାଦ୍ କାର୍ଯ୍ୟକ୍ରମ ଏକ ସୁଚିନ୍ତିତ ଏବଂ ସମୟୋପଯୋଗୀ ପଦକ୍ଷେପ ବୋଲି ଟେଲିମାନସ ଓଡ଼ିଶାର ପରାମର୍ଶଦାତା ସୁଶ୍ରୀ ସଙ୍ଗୀତ ସ୍ୱାଇଁ ଆକାଶବାଣୀକୁ ପ୍ରତିକ୍ରିୟାରେ କହିଛନ୍ତି...

**- V/O -**

ଜୀବନ ଅମୂଲ୍ୟ ଏହାକୁ ବଞ୍ଚାଇ ରଖିବା ଆମ ସମସ୍ତଙ୍କର ଦାୟିତ୍ୱ। ଆତ୍ମହତ୍ୟା ଭଳି ପରିସ୍ଥିତିରୁ ଦୂରେଇ ରହିବା ଏବଂ ଚିନ୍ତାମୁକ୍ତ ଜୀବନଯାପନ ପାଇଁ ସଂକଳ୍ପ ବଦ୍ଧ ହେବା।

ଆକାଶବାଣୀ ସମ୍ବାଦ ପାଇଁ ମୁଁ ସ୍ମୃତିରେଖା ତାରେଣିଆ

BHK

## ସମୀକ୍ଷା ବୈଠକ

ଭଦ୍ରକ ଜିଲ୍ଲା ପରିଷଦ କାର୍ଯ୍ୟାଳୟ ପରିସରରେ ବିଭିନ୍ନ ଉନ୍ନୟନମୂଳକ ଯୋଜନାର କାର୍ଯ୍ୟକାରିତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଅଶୋକ ଦାସ, ସଞ୍ଜୀବ ମଲ୍ଲିକ ଏବଂ ଜିଲ୍ଲାପାଳ ଦିଲ୍ଲୀପ ରାଉତରାୟ ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ କଲ୍ୟାଣକାରୀ ଯୋଜନାଗୁଡ଼ିକର ସ୍ଥିତି ନେଇ ମତବିନିମୟ କରିଛନ୍ତି।

Nayagarh

## ଉଲ୍ଲାସ କାର୍ଯ୍ୟକ୍ରମ

ନୟାଗଡ଼ ଜିଲ୍ଲାସ୍ତରୀୟ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ 'ଉଲ୍ଲାସ' ବ୍ରଜେନ୍ଦ୍ର ଉଚ୍ଚବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ବ୍ଲକର ପ୍ରାଥମିକ ଏବଂ ମାଧ୍ୟମିକ ବିଦ୍ୟାଳୟରୁ ମୋଟ ୪୦ ଜଣଙ୍କୁ ମାଷ୍ଟର

ଟ୍ରେନ୍‌ର ପ୍ରଶିକ୍ଷଣ ପ୍ରଦାନ କରାଯିବ। ସେମାନେ ନିଜ ନିଜ ବ୍ଲକରେ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବେ।

Sambalpur/MET

# ପାଣିପାଗ

ଉତ୍ତର ଓଡ଼ିଶାରେ ସକ୍ରିୟ ଲଘୁଚାପ ଝାଡ଼ଖଣ୍ଡ ଓ ଉତ୍ତର ଛତିଶଗଡ ଆଡକୁ ଅଗ୍ରସର ହେଉଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ରାଜ୍ୟର ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

ଉପରମୁଣ୍ଡରେ ବର୍ଷା ଲାଗି ରହିଥିବାରୁ ହୀରାକୁଦ ଜଳଭଣ୍ଡାରରେ ଜଳସ୍ତର ବୃଦ୍ଧିକୁ ଦୃଷ୍ଟିରେ ରଖି ଆଉ ୮ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଛି। ମଧ୍ୟାହ୍ନ ୧୨ଟା ସୁଦ୍ଧା ଜଳଭଣ୍ଡାରର ଜଳସ୍ତର ୬୨୬ ଦଶମିକ ୩/୩ ଫୁଟ ରହିଥିଲା। ଜଳଭଣ୍ଡାର ମଧ୍ୟକୁ ପ୍ରତି ସେକେଣ୍ଡରେ ୨ ଲକ୍ଷ ୧୦ ହଜାର ୪୧୭ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ସେହି ସମୟ ମଧ୍ୟରେ ମୋଟ ୧୪ଟି ସ୍ଲୁଇସ୍ ଗେଟ୍ ଦେଇ ୧ ଲକ୍ଷ ୯୭ ହଜାର ୮୫୬ ଘନଫୁଟ ଜଳ ନିଷ୍କାସିତ ହେଉଛି।

**********************************